ପ୍ରେସ୍ ନୋଟ୍

## ଭୋଟର ଫଟୋ ପରିଚୟ ପତ୍ରରେ ଆଧାର ସଂଯୋଗ ସଚେତନତା କାର୍ଯ୍ୟକ୍ରମ ।

ଅନୁଗୋଳ,ତା.୨୨.୮:- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଦେଶ ମତେ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରକାଶନ ପାଇଁ ଚଳିତ ମାସ ୧ ତାରିଖ ଠାରୁ ସମସ୍ତ ଭୋଟର ସତ୍ୟତା ପ୍ରତିପାଦନ ନିମନ୍ତେ ଆଧାର ନମ୍ବର ସହିତ ପଞ୍ଜିକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅନୁଗୋଳ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଶ୍ରୀ ବଇତୁରା ଦିପ୍‌ଙ୍କ ଅଧ୍ୟକ୍ଷତାରେ ୬୧-ଅନୁଗୋଳ ଓ ୬୨-ଛେଣ୍ଡିପଦା ୨ଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଭୋଟରଙ୍କ ଆଧାର ନମ୍ବର ସହିତ ସତ୍ୟତା ପ୍ରତିପାଦନ ନିମନ୍ତେ ପଞ୍ଜିକରଣ ଆରମ୍ଭ ହୋଇଛି । ଏଥି ନିମନ୍ତେ ଅନୁଗୋଳ, ବଁଅରପାଳ ଓ ଛେଣ୍ଡିପଦା ବ୍ଲକ୍‌ର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ(ବି ଏଲ୍ ଓ)ମାନଂଙ୍କୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର ଓ ସିଡିପିଓ ଅଗଷ୍ଟ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ତାଲିମ ଦେଇଛନ୍ତି । ଏଥିରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଂକୁ ଅନଲାଇନ୍‌ରେ ଗରୁଡ ଆପ୍ ଭୋଟର ହେଲପ୍ ଲାଇନ୍ ବିଷୟରେ ପୁଙ୍ଖାନୁପୁଙ୍ଖ ସବିଶେଷ ତାଲିମ ପ୍ରଦାନ କରାଯାଇଛି । ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଚଳିତ ମାସ ଅଗଷ୍ଟ ୩୧ ତାରିଖ ସୁଦ୍ଧା ସମସ୍ତ ଭୋଟରଂକ ଆଧାର ନମ୍ବର ସହିତ ପଞ୍ଜିକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅଭିଯାନରୁ ଯେପରି କେହି ଜଣେ ଭୋଟର ବାଦ୍ ନ ପଡନ୍ତି ସେଥି ନିମନ୍ତେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ପ୍ରକାଶଥାଉକି ଉଭୟ ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ସମସ୍ତ ଭୋଟରଂକ ଆଧାର ନମ୍ବର ସତ୍ୟତା ପ୍ରତିପାଦନ କାର୍ଯ୍ୟକ୍ରମ ବୁଥ୍ ସ୍ତରୀୟ ଅଧିକାରୀ(ବି ଏଲ୍ ଓ)ମାନଂକ ଦ୍ୱାରା ସଠିକ୍ ଭାବେ କରାଯାଉଥିବାବେଳେ ଚଳିତ ମାସ ୧୯ ତାରିଖରେ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟର ସମସ୍ତ ବୁଥ୍ ସ୍ତରୀୟ ସେକ୍ଟର ଅଧିକାରୀ,ସୁପରଭାଇଜର, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତହସିଲଦାର ଓ ସିଡିପିଓମାନଂକୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଭୋଟର ହେଲପ୍ ଲାଇନ୍ ଆପ୍‌କୁ ବହୁଳ ମାତ୍ରାରେ ଲୋକପ୍ରିୟ କରିବା ସହ ଏହି ସ୍ୱତନ୍ତ୍ର ଅଭିଯାନର ସମୀକ୍ଷା କରାଯାଇଥିଲା । ଏହି ୨ ନିର୍ବାଚନମଣ୍ଡଳୀରେ ଶତ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ବୁଥ୍ ସ୍ତରୀୟ ଅଧିକାରୀମାନଂକୁ ଉପଜିଲ୍ଲାପାଳ ଶୁଭେଚ୍ଛା ଜଣାଇବା ସହ ଦାୟିତ୍ୱରେ ଅବହେଳା ନ କରିବା ନିମନ୍ତେ ତାଗିଦ୍ କରିଥିଲେ । ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶତ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକୁ ଜରୁରୀ ମନେ କରି ନିର୍ଦ୍ଧାରିତ ଲକ୍ଷ୍ୟ ଧାର୍ଯ୍ୟ ପୁରଣ ନ କଲେ ବିଭାଗୀୟ ଅଧିକାରୀଂକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା

ପାଇଁ ମଧ୍ୟ ତାଗିଦ କରାଯାଇଛି । ଆଜି ଏହି ଭୋଟର ହେଲପ୍ ଲାଇନ୍ ଆପ୍‌କୁ ବହୁଳ ଲୋକପ୍ରିୟତା କରିବା ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ସମସ୍ତ କଲେଜ ଛାତ୍ର ଛାତ୍ରୀମାନଂକୁ ମଧ୍ୟ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି । ଏଥିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଶ୍ରୀ ସୁକାନ୍ତ କୁମାର ସାହୁ ଓ ସେକ୍‌ସନ ଅଫିସର ଶ୍ରୀ ସୁବାସ ଚନ୍ଦ୍ର ପ୍ରଧାନ ଅଂଶଗ୍ରହଣ କରି ସମସ୍ତ ଛାତ୍ର ଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାଂକୁ ଭୋଟର ହେଲପ୍ ଲାଇନ୍ ଆପ୍‌ର ସରଳ ଓ ଏହାର ସଦୁପଯୋଗ କରିବା ବିଷୟରେ ସବିଶେଷ ପ୍ରଶିକ୍ଷଣ ଦେଇଥିଲେ । ଦେଶର ଭବିଷ୍ୟତ ନାଗରିକ ଛାତ୍ର ଛାତ୍ରୀମାନେ ସଚେତନ ହୋଇ ନିଜର ତଥା ପରିବାରର ସମସ୍ତ ସଦସ୍ୟଂକ ଭୋଟର ସହିତ ଆଧାର ସତ୍ୟତା ପ୍ରତିପାଦନ ପଞ୍ଜିକରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ଦେଇଥିଲେ । ଏହିଭଳି ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପଖଣ୍ଡର ଅନ୍ୟାନ୍ୟ ସମସ୍ତ ମହାବିଦ୍ୟାଳୟରେ ଆୟୋଜନ କରାଯାଇ ସମସ୍ତ ଛାତ୍ର ଛାତ୍ରୀଂକୁ ସଚେତନ କରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୮୮ ତା.୨୨.୮.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୨୨/୮/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।



